# NATIONAL NEWS BULLETIN (ODIA)

**24 June - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆରମ୍ଭ ।

– ନବନିର୍ବାଚିତ ସଦସ୍ୟମାନେ ନେଉଛନ୍ତି ଶପଥ

- ନିଟ୍ ୟୁଜି-୨୦୨୪ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ମହାରାଷ୍ଟ୍ରର ୨ଜଣ ଶିକ୍ଷକଙ୍କୁ ଗିରଫ କଲା ଏଟିଏସ୍

- ନୂଆଦିଲ୍ଲୀରେ ବିଭିନ୍ନ ଖଣିଜ ବ୍ଲକର ଚତୁର୍ଥ ପର୍ଯ୍ୟାୟ ନିଲାମ ଆରମ୍ଭ ।

- ରୁଷ୍‌ର ଉତ୍ତର କାଉକାସସ୍‌ଠାରେ ଗତକାଲି ଘଟିଥିବା ୨ଟି ଆକ୍ରମଣ ଘଟଣାରେ ମୃତ୍ୟୁ ସଂଖ୍ୟା ୧୭କୁ ବୃଦ୍ଧି ।

ଏବଂ

- ଆଇସିସି ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ୩ ଓ୍ୱିକେଟ୍‌ରେ ପରାସ୍ତ କଲା ଦକ୍ଷିଣ ଆଫ୍ରିକା ।

---

## ଲୋକସଭା ଅଧିବେଶନ

ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି । ତେବେ ଅଧିବେଶନ ଆରମ୍ଭର ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତି

ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ବିଜେପିର ସାଂସଦ ଭର୍ତ୍ତୃହରି ମହତାବଙ୍କୁ ଅସ୍ଥାୟୀ ବାଚସ୍ପତି ଭାବେ ଶପଥପାଠ କରାଇଥିଲେ । ଏହି ଅବସରରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉପସ୍ଥିତ ଥିଲେ ।

ଲୋକସଭା ସଦନରେ ନବନିର୍ବାଚିତ ସଦସ୍ୟମାନେ ଶପଥ ଗ୍ରହଣ କରୁଛନ୍ତି । ଲୋକସଭା ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମେ ଗୃହର ସଦସ୍ୟ ଭାବେ ଶପଥ ନେଇଥିଲେ । ଅସ୍ଥାୟୀ ବାଚସ୍ପତି ଭାବେ ଦାୟିତ୍ୱ ନିର୍ବାହ କରୁଥିବା ଭର୍ତ୍ତୃହରି ମହତାବ ତାଙ୍କୁ ଶପଥପାଠ କରାଇଥିଲେ । ଏହା ପରେ ତାଙ୍କୁ ସହଯୋଗ କରିବା ପାଇଁ ଗଠିତ ହୋଇଥିବା ଅଧ୍ୟକ୍ଷ କମିଟିର ସଦସ୍ୟମାନେ ଶପଥ ନେଇଥିଲେ । ଏହାପରେ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ ତଥା ବିଭିନ୍ନ ରାଜନୈତିକ ଦଳର ସଦସ୍ୟମାନେ ଶପଥ ଗ୍ରହଣ କରିଥିଲେ । ଆସନ୍ତା ୨୬ ତାରିଖ ଦିନ ଲୋକସଭା ବାଚସ୍ପତି ନିର୍ବାଚନ ହେବ । ୨୭ ତାରିଖ ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ସଦନର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ ଏବଂ ସେହି ଦିନ ରାଜ୍ୟସଭାର ଅଧିବେଶନ ମଧ୍ୟ ଆରମ୍ଭ ହେବ । ସଂସଦର ଅଧିବେଶନ ଜୁଲାଇ ୩ ତାରିଖରେ ଶେଷ ହେବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

---

## ନିଟ୍ - ୟୁଜି

ନିଟ୍ ୟୁଜି-୨୦୨୪ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଜଡ଼ିତ ଅଭିଯୋଗରେ ନାନ୍ଦେଡ୍ ଆତଙ୍କବାଦୀ ନିରୋଧ ସ୍କ୍ୱାର୍ଡ-ଏଟିଏସ୍ ସଂଜୟ ତୁକାରାମ ଯାଦବ ଏବଂ ଜଲିଲ୍ ଉମର ଖାନ୍ ପଠାନ୍‌କୁ ଗିରଫ କରିଛି ।

ଏହି ୨ଜଣଯାକ ଜିଲ୍ଲା ପରିଷଦ ସ୍କୁଲ୍‌ରେ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ବେଳେ ଲାଟୁରରେ ଏକ ଘରୋଇ କୋଚିଂ ସେଣ୍ଟର ଚଳାଉଥିଲେ । ଲାଟୁର୍‌ର ଶିବାଜୀନଗର ଥାନାରେ ଏହି ୨ ଜଣଙ୍କୁ ମିଶାଇ ୪ଜଣଙ୍କ ବିରୁଦ୍ଧରେ ପ୍ରଶ୍ନପତ୍ର ପ୍ରଘଟ ନେଇ ମାମଲା ରୁଜୁ ହୋଇଛି । ଲାଟୁର ସହର ଉପଖଣ୍ଡ ପୋଲିସ୍ ଅଧିକାରୀ ଭାଗବତ ଫଣ୍ଡେଙ୍କ ନେତୃତ୍ୱରେ ଏସ୍.ଆଇ.ଟି. ଟିମ୍ ଗଠନ କରାଯାଇ ମାମଲାର ତଦନ୍ତ ଚାଲିଛି ।

ଅନ୍ୟପକ୍ଷରେ ବିହାର ପୋଲିସ୍‌ର ଅର୍ଥନୈତିକ ଅପରାଧ ଶାଖା କହିଛି ନିଟ୍ ୟୁଜି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ହଜାରୀବାଗ ପରୀକ୍ଷା କେନ୍ଦ୍ରରେ ଅନେକ ପ୍ରକ୍ରିୟାଗତ ତ୍ରୁଟି ରହିଥିବା ଦେଖିବାକୁ ମିଳିଛି । ସଂଜୀବ କୁମାର ଓରଫ୍ ଲୁଟନ୍ ମୁଖିଆଙ୍କ ଅପରାଧିକ ଗ୍ୟାଙ୍ଗ ଜରିଆରେ ପ୍ରଘଟ ହୋଇଥିବା ପ୍ରଶ୍ନପତ୍ର ବିହାରରେ ପହଞ୍ଚିଥିଲା ବୋଲି ତଦନ୍ତରୁ ଜଣାପଡ଼ିଛି । ତେବେ ଏହି ଘଟଣାର ପ୍ରକୃତ ସମୟ ଏବଂ ଅନ୍ୟାନ୍ୟ ସ୍ଥିତି ନେଇ ଅର୍ଥନୈତିକ ଅପରାଧ ଶାଖା ତଦନ୍ତ ଜାରି ରଖିଛି ବୋଲି ବିହାର ପୋଲିସ୍ କହିଛି ।

ବିହାର ପୋଲିସ୍ କହିଛି ତଦନ୍ତ ସଂକ୍ରାନ୍ତ ସମସ୍ତ ତଥ୍ୟ ସି.ବି.ଆଇ.କୁ ହସ୍ତାନ୍ତର କରିବା ପାଇଁ ପଦକ୍ଷେପ ନିଆଯାଉଛି ।

---

# ମାଇନିଂ ଅକ୍ସନ

ବିଭିନ୍ନ ଖଣିଜ ବ୍ଲକର ଚତୁର୍ଥ ପର୍ଯ୍ୟାୟ ନିଲାମ ଆଜି ନୂଆଦିଲ୍ଲୀଠାରେ ଆରମ୍ଭ ହେଉଛି । ଖଣି ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଷନରେଡ୍ଡୀ ଏବଂ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଏହାର ଶୁଭାରମ୍ଭ କରିବେ । ଏହି

ଅବସରରେ ମନୋନୀତ ହୋଇଥିବା ୨ଟି ଘରୋଇ ଅନୁସନ୍ଧାନ ଏଜେନ୍ସୀଙ୍କୁ  ପ୍ରମାଣପତ୍ର ହସ୍ତାନ୍ତର କରାଯିବ । ଖଣିଜ ସଂପଦ ଉତ୍ତୋଳନରେ ଦକ୍ଷତା ବୃଦ୍ଧି ଏବଂ ଅର୍ଥନୈତିକ ଚାହିଦାକୁ ଦୃଷ୍ଟିରେ ରଖି ଖଣିଜ ମିଶ୍ରଣ ତଥା ଧାତୁରେ ପରିଣତ କରିବା ଲକ୍ଷ୍ୟରେ ଏହାକୁ କାର୍ଯ୍ୟକ୍ଷମ କରିଥିବା ଷ୍ଟାର୍ଟ ଅପ୍, ଏବଂ ଗବେଷଣା ଓ ବିକାଶ ପ୍ରତିଷ୍ଠାନକୁ ଏହି ପ୍ରମାଣପତ୍ର ପ୍ରଦାନ କରାଯିବ । ମନ୍ତ୍ରଣାଳୟ କହିଛି ଅର୍ଥନୈତିକ ବିକାଶ ଓ ଖଣିଜ ନିରାପତ୍ତାକୁ ଦୃଷ୍ଟିରେ ରଖି ଗତବର୍ଷ ଖଣି ଓ ଖଣିଜ ମୂଲ୍ୟାୟନ ଏବଂ ନିୟନ୍ତ୍ରଣ ଆଇନରେ ଆବଶ୍ୟକୀୟ ସଂଶୋଧନ କରାଯାଇ ଖଣିଜ ବ୍ଲକର ନିଲାମ ଏବଂ ପ୍ରମାଣପତ୍ର ପ୍ରଦାନ ସଂକ୍ରାନ୍ତ ଅଧିକାର କେନ୍ଦ୍ର ସରକାରଙ୍କୁ  ପ୍ରଦାନ କରାଯାଇଥିଲା ।

# ଅମରନାଥ ଯାତ୍ରା

ଆସନ୍ତା ୨୯ ତାରିଖରୁ ଆରମ୍ଭ ହେଉଥିବା ଶ୍ରୀ ଅମରନାଥ ଯାତ୍ରା ପରିପ୍ରେକ୍ଷୀରେ ଜାମ୍ମୁ କାଶ୍ମୀର ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡାକ୍ତର ମୁସ୍ତାକ ଅହମ୍ମଦ ରାଥର୍ ଯାତ୍ରୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଣ ନେଇ ସମୀକ୍ଷା କରିଛନ୍ତି । ସେ ଚନ୍ଦନବାଡ଼ି ମୂଳ କ୍ୟାମ୍ପ ହସ୍ପିଟାଲରୁ ଶେଷନାଗ ମୂଳ କ୍ୟାମ୍ପ ହସ୍ପିଟାଲ ପର୍ଯ୍ୟନ୍ତ ଗସ୍ତ କରିଥିଲେ । ଏହି ଅବସରରେ ପହଲଗାମ୍ ସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥିତି ନେଇ ଯାଞ୍ଚ କରିଥିଲେ । ଏହି ଗସ୍ତ ସମୟରେ ଯାତ୍ରୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଣ ନେଇ ଆବଶ୍ୟକ କର୍ମଚାରୀ, ଭିତ୍ତିଭୂମି, ଔଷଧ, ସ୍ୱାସ୍ଥ୍ୟ ଉପକରଣ ତଥା ଅନ୍ୟାନ୍ୟ ଆନୁସଙ୍ଗିକ ବିଧିବ୍ୟବସ୍ଥାର ଡାକ୍ତର ରାଥର୍ ବିସ୍ତୃତ ସମୀକ୍ଷା କରିଛନ୍ତି । ସ୍ୱାସ୍ଥ୍ୟସେବା ପ୍ରଦାନକୁ ଅଧିକ ସୁସଂହତ ଏବଂ ସମୟୋପଯୋଗୀ କରିବା ପାଇଁ ସେ ସଂପୃକ୍ତ ଅଧିକାରୀଙ୍କୁ

ନିର୍ଦ୍ଦେଶ ଦେଇଛନ୍ତି । ଆବଶ୍ୟକସ୍ଥଳେ ଅତିରିକ୍ତ ଅକ୍ସିଜେନ୍ ବୁଥ୍ ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଛନ୍ତି ।

## ହେଲ୍‌ଥ ମିନିଷ୍ଟ୍ରି-ଫେକ୍ ନିଉଜ୍

ବରିଷ୍ଠ ନାଗରିକଙ୍କୁ ମାଗଣା ସ୍ୱାସ୍ଥ୍ୟବୀମା ଯୋଗାଣ ସଂକ୍ରାନ୍ତ ଖବରକୁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଖଣ୍ଡନ କରିଛି । ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଏଭଳି ବିଭ୍ରାନ୍ତକର ଖବରକୁ ବିଶ୍ୱାସ ନ କରିବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ।

## ଜୟଶଙ୍କର-ପାସ୍‌ପୋର୍ଟ

ଦ୍ୱାଦଶ ପାସ୍‌ପୋର୍ଟ ସେବା ଦିବସ ପାଳନ ଅବସରରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଭାରତ ଏବଂ ବିଦେଶରେ ଥିବା ପାସ୍‌ପୋର୍ଟ କର୍ତ୍ତୃପକ୍ଷଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ୍ କରି ଭାରତ ନାଗରିକ କୈନ୍ଦ୍ରିକ ବୈଦେଶିକ ନୀତିକୁ ତ୍ୱରାନ୍ୱିତ କରିବାରେ ସେମାନଙ୍କର ପ୍ରୟାସକୁ ସେ ଉଚ୍ଚପ୍ରଶଂସା କରିଛନ୍ତି । ସମୟାନୁକ୍ରମେ ପାସ୍‌ପୋର୍ଟ ବ୍ୟବସ୍ଥାରେ ଉଲ୍ଲେଖନୀୟ ବିକାଶ ଘଟିଛି ବୋଲି ସେ କହିଛନ୍ତି । ସେ କହିଛନ୍ତି ବୈଦେଶିକ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଗତବର୍ଷ ୧ କୋଟି ୬୫ ଲକ୍ଷ ପାସ୍‌ପୋର୍ଟ ସମ୍ବନ୍ଧୀୟ ସେବା ପ୍ରଦାନ କରାଯାଇଛି । ପୂର୍ବ ବର୍ଷ ଗୁଡ଼ିକ ତୁଳନାରେ ଏହା ୧୫ ପ୍ରତିଶତ ଅଧିକ ବୋଲି ସେ କହିଛନ୍ତି ।

ପାସ୍‌ପୋର୍ଟ ସେବାକୁ ଅଧିକ ସମୟୋପଯୋଗୀ, ବିଶ୍ୱସନୀୟ, ସୁଲଭ, ନାଗରିକ ଅନୁକୂଳ, ସ୍ୱଚ୍ଛ କରିବା ଦିଗରେ ବୈଦେଶିକ ବ୍ୟାପାର

ମନ୍ତ୍ରଣାଳୟର ପ୍ରତିବଦ୍ଧତାକୁ ଡକ୍ଟର ଜୟଶଙ୍କର ଏହି ଅବସରରେ ଦୋହରାଇଥିଲେ ।

---

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଡ୍ରଗ୍ସ ଅପବ୍ୟବହାରର ମୁକାବିଲା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଏଥିରେ ଏନ୍.ସି.ବି.ର ଡେପୁଟି ଡାଇରେକ୍ଟର ଜେନେରାଲ୍ ନିରଜ ଗୁପ୍ତା ଏବଂ ଆର.ଏମ୍.ଏଲ୍. ହସ୍ପିଟାଲର ଡାକ୍ତର ଲୋକେଶ ଶେଖାଓ୍ୱତ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ କରି ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ଓ୍ୱେବ୍‌ସାଇଟ୍ news on air.gov.in ଓ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

---

## ରୁଷିଆ-ଆଟାକ

ରୁଷ୍‌ର ଉତ୍ତର କାଉକାସସ୍ ଅନ୍ତର୍ଗତ ଡର୍ବେଣ୍ଟ ଏବଂ ମାଖାଚକାଲା ସହରରେ ଗତକାଲି ଘଟିଥିବା ୨ଟି ଆକ୍ରମଣ ଘଟଣାରେ ମୃତ୍ୟୁ ସଂଖ୍ୟା ୧୭କୁ ବୃଦ୍ଧି ପାଇଛି । ସେମାନଙ୍କ ମଧ୍ୟରେ ୧୫ ଜଣ ପୋଲିସ୍ ଅଧିକାରୀ,

ଜଣେ ଧର୍ମଯାଜକ ଏବଂ ଜଣେ ସୁରକ୍ଷାକର୍ମୀ ଅଛନ୍ତି । ଅନ୍ୟପକ୍ଷରେ ପାଲଟା ଗୁଳିଚାଳନାରେ ଆକ୍ରମଣକାରୀଙ୍କ ମଧ୍ୟରେ ୬ ଜଣ ନିହତ ହୋଇଥିବା ବେଳେ ଅନ୍ୟମାନଙ୍କୁ ଗିରଫ କରିବା ପାଇଁ ପ୍ରୟାସ ଚାଲିଛି । ସେଠାକାର ଗଭର୍ଣ୍ଣର ଶେର୍‌ଗେଇ ମେଲିକୋଭ୍ ଏହି ଘଟଣାକୁ ଭାଇଚାରା ଏବଂ ଏକତା ଉପରେ ବୋଲି ବର୍ଣ୍ଣନା କରିଛନ୍ତି ।

ଦାଗେସ୍ତାନର ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ କହିଛି କାସ୍ପିଆନ୍ ସାଗରରେ ଡର୍ବେଣ୍ଟ ସହରର ଏକ ଚର୍ଚ୍ଚ ଏବଂ ଅନ୍ୟ କେତେକ ଅଞ୍ଚଳକୁ ସଶସ୍ତ୍ର ବନ୍ଧୁକଧାରୀ ଗୁଳି ଚାଳନା କରିଥିଲେ । ସେହିଭଳି ଦାଗେସ୍ତାନର ରାଜଧାନୀ ମାଖାଚକାଲାର ଏକ ଚର୍ଚ୍ଚ ଏବଂ ଟ୍ରାଫିକ୍ ପୋଲିସ୍ ପୋଷ୍ଟ ଉପରକୁ ମଧ୍ୟ ଅଜ୍ଞାତ ବନ୍ଧୁକଧାରୀଙ୍କ ଗୁଳିମାଡ଼ ଯୋଗୁଁ ଏହି ଘଟଣା ଘଟିଛି । ରୁଷ୍‌ର ଜାତୀୟ ଆତଙ୍କବାଦୀ ନିରୋଧୀ କମିଟି ମୁସଲମାନ ବହୁଳ ଅଞ୍ଚଳରେ ଏହାକୁ ଆତଙ୍କବାଦୀ ଆକ୍ରମଣ ବୋଲି କହିଛି ।

# ନେତାନ୍ୟାହୁ-ଗାଜା

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି ଦକ୍ଷିଣ ଗାଜାର ରାଫାରେ ଇସ୍ରାଏଲ୍ ସେନା ପକ୍ଷରୁ ଚାଲିଥିବା  ଘମାଘୋଟ ଆକ୍ରମଣ ପର୍ଯ୍ୟାୟ ଶେଷ ହୋଇଛି । ତେବେ ହମାସ୍‌କୁ ସଂପୂର୍ଣ୍ଣ ଭାବେ କ୍ଷମତାଚ୍ୟୁତ ନ କରିବା ପର୍ଯ୍ୟନ୍ତ ଏହି ଯୁଦ୍ଧ ଜାରି ରହିବ ବୋଲି ଶ୍ରୀ ନେତାନ୍ୟାହୁ ଏକ ଟେଲିଭିଜନ ସାକ୍ଷାତକାରରେ କହିଛନ୍ତି । ସେ କହିଛନ୍ତି ଲେବାନନ୍ ସୀମାରେ ହିଜିବୁଲ୍ଲା ଆକ୍ରମଣର ଜବାବ ଦେବା ପାଇଁ  ଖୁବ୍‌ଶୀଘ୍ର ଇସ୍ରାଏଲ ପକ୍ଷରୁ ସେନା ମୁତୟନ କରାଯିବ ।

# କ୍ରିକେଟ୍

ଆଇସିସି ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍‌ର ସୁପର ଏଇଟ୍ ପର୍ଯ୍ୟାୟରେ ଆଜି ଦକ୍ଷିଣ ଆଫ୍ରିକା' ୱେଷ୍ଟଇଣ୍ଡିଜ୍‌କୁ ୩ ୱିକେଟ୍‌ରେ ପରାସ୍ତ କରିଛି । ଆଣ୍ଟିଗୁଆର ନର୍ଥ ସାଉଣ୍ଡସ୍ଥିତ ସାର୍ ଭିଭିଆନ୍ ରିଚାର୍ଡ୍‌ସ ଷ୍ଟାଡିୟମରେ ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ ଆରମ୍ଭ କରି ୱେଷ୍ଟଇଣ୍ଡିଜ ନିର୍ଦ୍ଧାରିତ ୨୦ ଓଭରରେ ୮ୱିକେଟ୍ ବିନିମୟରେ ୧୩୫ ରନ୍ ସଂଗ୍ରହ କରିଥିଲା । ବର୍ଷା ଯୋଗୁଁ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୧୨୩ ରନ୍‌ର ସଂଶୋଧିତ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଯାହାକୁ ଦକ୍ଷିଣ ଆଫ୍ରିକା ୫ଟି ବଲ୍ ବାକିଥାଇ ୭ ୱିକେଟ୍ ବିନିମୟରେ ହାସଲ କରିନେଇଥିଲା ।

ସେଣ୍ଟଲୁସିଆସ୍ଥିତ ଗ୍ରସ୍ ଇସ୍‌ଲେଟ୍‌ର ଡ୍ୟାରେନ୍ ସାମି ନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମଠାରେ ଆଜି ଭାରତୀୟ ସମୟ ରାତି ୮ଟାରେ ଭାରତ' ଅଷ୍ଟ୍ରେଲିଆକୁ ଭେଟିବ । ଏପର୍ଯ୍ୟନ୍ତ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ୩୧ଟି ଟି-ଟ୍ୱେଣ୍ଟି ମ୍ୟାଚ୍ ମଧ୍ୟରେ ଭାରତ ୧୯ଟି ମ୍ୟାଚ୍ ଜିତିଥିବାବେଳେ ଅଷ୍ଟ୍ରେଲିଆ ୧୧ଟି ମ୍ୟାଚ୍‌ରେ ବିଜୟଲାଭ କରିଛି ଏବଂ ଗୋଟିଏ ମ୍ୟାଚ୍ ଅମୀମାଂଶିତ ରହିଛି । ପୂର୍ବରୁ ଭାରତ ସୁପର ଏଇଟ୍ ପର୍ଯ୍ୟାୟରେ ଆଫଗାନିସ୍ତାନ ଏବଂ ବାଂଲାଦେଶକୁ ହରାଇଥିବାବେଳେ ଆଜିର ମ୍ୟାଚ୍‌ରେ ବିଜୟୀ ହେଲେ ଟେବୁଲ ଶୀର୍ଷରେ ରହିବା ସହ ସେମିଫାଇନାଲରେ ପ୍ରବେଶ କରିବ ।